ପ୍ରଗତିବାଦୀ
PRAGATIVADI

03rd Feb 2020

# ଆଇଆଇଟିରେ ଟେକ୍ନୋମ୍ୟାନେଜମେଣ୍ଟ ୱାଇଜନେର-୨୦' ଉଦ୍‌ଯାପିତ

• ଜଟଣୀ, ପିଏନଏସ



ଆଇଆଇଟି ଭୁବନେଶ୍ୱର, ଅରଗୁଳ କ୍ୟାମ୍ପସରେ ଆରମ୍ଭ ହୋଇଥିବା ତିନିଦିନିଆ ଟେକ୍ନୋମ୍ୟାନେଜମେଣ୍ଟ ୱାଇଜନେର-୨୦' କାର୍ଯ୍ରକ୍ରମ ଉଦଯାପିତ ହୋଇଛି । ଜୀବ ବିଜ୍ଞାନ ଓ ସୌର ମଣ୍ଡଳର ରହସ୍ୟ ଭିତିକ ଉପରେ ଆଧାରିତ କାର୍ଯ୍ୟକ୍ରମରେ ଡିଫେନ୍ସ ରିସର୍ଚ ଆଣ୍ଡ ଡେଭଲୋପମେଣ୍ଟ ଅର୍ଗାନାଇଜେସନ(ଡିଆରଡିଓ)ର ସାଧାରଣ ନିର୍ଦ୍ଦେଶକ ଡଃ ମାନସ କୁମାର ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଆଇଆଇଟି ନିର୍ଦ୍ଦେଶକ ଆର ଭି ରାଜାକୁମାର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଏଥିସହିତ ଅନ୍ୟତମ ଅତିଥିଭାବେ ଓବାଇଜନେର-୨୦ର ମୁଖ୍ୟ ପରିଚାଳକ ତରୁଣ ଗୁଗୁଲୋଥ ଉପସ୍ଥିତ ଥିଲେ । ଓବାଇଜନେର-୨୦ର ଅଧ୍ୟକ୍ଷ ଡଃ ଶ୍ରୀନିବାସ ରାମାନୁଜମ କାନନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ୩ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ